## ‘ଓମ୍ ନମଃ ଶିବାୟ’ ଧ୍ୱନିରେ ପ୍ରକମ୍ପିତ ଶୈବପୀଠ

# ଜାଗର ପାଳିଲେ, ଦୀପ ଜାଳିଲେ





ବ୍ରହ୍ମପୁର,୧୫ ।୨(ସମିସ): ପବିତ୍ର ମହା ଶିବରାତ୍ରି ତଥା ଜାଗର ଅବସରରେ ସହରର ସମସ୍ତ ଶୈବ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି । ଶ୍ରଦ୍ଧାଳୁମାନେ ମହାଦେବଙ୍କୁ ନିଷ୍ଠାର ସହ ପୂଜିଛନ୍ତି । ଜାଗର ଦୀପ ଜାଳି ଆରାଧନା କରି ମଙ୍ଗଳ କାମନା କରିଛନ୍ତି । ଏ ଅବସରରେ ସହରର ପ୍ରସିଦ୍ଧ ଶୈବପୀଠରେ ନୀତିକାନ୍ତି ଅନୁସାରେ ପୂଜାର୍ଚ୍ଚନା ସରିଛି । ଭକ୍ତଙ୍କ ଓମ୍ ନମଃ ଶିବାୟ ଧ୍ୱନୀରେ ପ୍ରକମ୍ପିତ ହୋଇଥିଲା ପରିବେଶ । ଭକ୍ତମାନେ ଧାଡ଼ିରେ ଶୃଙ୍ଖଳିତ ଭାବେ ମନ୍ଦିରକୁ ପ୍ରବେଶ ପାଇଁ ବ୍ୟାରିକେଡ ବ୍ୟବସ୍ଥା ହୋଇଛି । ବିଭିନ୍ନ ମନ୍ଦିରରେ ଟିକଟ ସହ ପୂଜାର୍ଚ୍ଚନା ଆଦିର ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ଭକ୍ତଙ୍କ ସୁବିଧା ପାଇଁ ପାନୀୟ ଜଳର ମଧ୍ୟ ବ୍ୟବସ୍ଥା ହୋଇଥିଲା । ସହରର ନୀଳକଣ୍ଠେଶ୍ୱର, ସାନବାଜାର କପିଳେଶ୍ୱର ଓ ହରିଡ଼ାଖଣ୍ଡି ବାଲୁଙ୍କେଶ୍ୱର ଶୈବପୀଠରେ ମନ୍ଦିର ପ୍ରବଳ ଭିଡ଼ ଜମିଥିଲା । ଶ୍ରୀ ନୀଳକଣ୍ଠେଶ୍ୱରଙ୍କ ନୀତିକାନ୍ତି ଅନୁଯାୟୀ ପ୍ରାତଃ ପ୍ରାତଃ ୩ଘଣ୍ଟା ୩୦ମିନିଟ୍ ସମୟରେ ଦ୍ୱାର ଖୋଲା, ମଙ୍ଗଳ ଆଳତୀ ଓ ରୁଦ୍ରାଭିଷେକ ହେବା ପରେ ପ୍ରାତଃ ୪ଘଣ୍ଟା ୩୦ମିନିଟ୍ ଠାରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା । ସେହିପରି ସନ୍ଧା ୬ଘଣ୍ଟା ୨୦ମିନିଟ୍ ଠାରୁ ଅହରାତ୍ର ୧୨ଘଣ୍ଟା ୩୦ମିନିଟ୍ ପର୍ଯ୍ୟନ୍ତ ଭକ୍ତ ମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ହୋଇଥିଲା । ମଧ୍ୟରାତ୍ର ୧୨ଘଣ୍ଟା ୪୦ମିନିଟ୍ ଠାରୁ ଶୃଙ୍ଗାର ବେଶ, ରୁଦ୍ରାଭିଷେକ ସହ ଆଳତୀ ଅନୁଷ୍ଠିତ ହୋଇଥିଲା । ରାତ୍ର ୧ ଘଣ୍ଟା ୨୦ମିନିଟ୍ ସମୟରେ ମହାଦୀପ ପ୍ରଜ୍ୱଳନ ସହ ବେଢ଼ା ପରିକ୍ରମା କରାଯାଇଥିଲା । ସେହିପରି କମାପଲ୍ଲୀ ବୈଦ୍ୟନାଥଶ୍ୱର ମନ୍ଦିର ନୀତିକାନ୍ତି ଅନୁଯାୟୀ ପ୍ରାତଃ ୪ମି.ରେ ମନ୍ଦିର ଦ୍ୱାର ଖୋଲାଯାଇ ମଙ୍ଗଳଆରତୀ ଓ ରଦ୍ରାଭିଷେକ ସମାପନ ହୋଇଥିଲା । ପରେ ପ୍ରାତଃ ୪. ୩୦ମି.ରେ ସର୍ବସାଧାରଣ ଦର୍ଶନ, ସନ୍ଧ୍ୟାରେ ୧୧ହଜାର୧୧୧ଦୀପ ପ୍ରଦାନ କରାଯାଇଥିଲା । ଏବଂ ରାତ୍ରି ୯.୦୫ମିକୁ ମହାଦୀପ, ବେଢ଼ା ପରିକ୍ରମା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗୋଷାଇଁନୂଆଗାଁ ଉତ୍ତରେଶ୍ୱର ମନ୍ଦିର ନୀତିକାନ୍ତି ଅନୁଯାୟୀ ପ୍ରାତଃ ୩.୩୦ମି.ରେ ମନ୍ଦିର ଦ୍ୱାର ଖୋଲାଯାଇ ମଙ୍ଗଳଆରତୀ ଓ ରଦ୍ରାଭିଷେକ ସମାପନ ହୋଇଥିଲା । ପରେ ପ୍ରାତଃ ୪ମି.ରେ ସର୍ବସାଧାରଣ ଦର୍ଶନ, ସନ୍ଧ୍ୟା ସମୟରେ ଭଜନ ସମାରୋହ, ଭକ୍ତଙ୍କ ଅଖଣ୍ଡ ଦୀପ ଦାନ, ପ୍ରାତଃ ସମୟରେ ମହାଦୀପ, ବେଢ଼ା ପରିକ୍ରମା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହିପରି ଗଜପତି ନଗର ନିକଟ ବାସୁଦେବ ନଗର ସ୍ଥିତ ରାମେଶ୍ୱର ଶୈବ ପୀଠରେ ଭକ୍ତଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଛି । ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ଓ କର୍ପୋରେଟର ସମୀର ମିଶ୍ର ଯୋଗ ଦେଇ ରାମେଶ୍ୱରଙ୍କ ଦର୍ଶନ କରିଥିଲେ । ସନ୍ଧ୍ୟା ସମୟରେ ମନ୍ଦିର ନିକଟରେ ଭାରତଲୀଳା ନାଟକ ପରିବେଷଣ କରାଯାଇଥିଲା । ସେହିପରି ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଦଳୁଆ ସାହି ସ୍ଥିତ ମୁକ୍ତେଶ୍ୱର ମନ୍ଦର ସମେତ ବିଭିନ୍ନ ଶୈବ ପୀଠକୁ ଯାଇ ଦର୍ଶନ କରିଥିଲେ । ଏଭଳି ସହରର ବି ସେହିପରି ସହରର ଆଙ୍କୁଲି ପଶ୍ଚିମେଶ୍ୱର, ସାନବାଜାର କପିଳେଶ୍ୱର, ମିଲିଟାରୀ ଲାଇନ୍ ହରିଶଙ୍କର, ଭାବିନୀପୁର ଗଙ୍ଗାଧରଶ୍ୱର, ହରିଡାଖଣ୍ଡି ବାଲୁଙ୍କେଶ୍ୱର, ଆଇନାବନ୍ଧ ସାହି କାଶି ବିଶ୍ୱନାଥ ମନ୍ଦିର, ବିଜିପୁର ସପନେଶ୍ୱର, ଗେଟବଜାର ପଞ୍ଚାନନେଶ୍ୱର ଓ ଭାବିନୀପୁର ସଙ୍କଟେଶ୍ୱର ମନ୍ଦିରରେ ଶିବରାତ୍ରି ପାଳିତ ହୋଇଥିଲା । ମହିଳା ଭକ୍ତଙ୍କ ସୁରକ୍ଷା ପାଇଁ ମହିଳା ପୁଲିସ ମୁତୟନ ରହିଥିଲେ । ଚୋରି, ଛିନତାଇ ରୋକିବାକୁ ସାଧା ପୋଷାକରେ ପୁଲିସ କର୍ମଚାରୀଙ୍କୁ ସହରର ବିଭିନ୍ନ ଶିବ ମନ୍ଦିର ଭିତରେ ମୁତୟନ କରାଯାଇଥିବା ଦେଖିବାକୁ ମିଳିଥିଲା ।




### ଭକ୍ତଙ୍କୁ ଛେନା ପଣା ଓ ହାଲୁଆ ବଣ୍ଟନ

ମହାଶିବ ରାତ୍ରି ଉପଲକ୍ଷେ ବିଭିନ୍ନ ଶିବ ମନ୍ଦିରରେ ଭକ୍ତଙ୍କ ଭିଡ଼ ରହିଥିବା ବେଳେ ସାମାଜିକ ଅନୁଷ୍ଠାନମାନଙ୍କ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା । ସହରର ନୀଳକଣ୍ଠଶ୍ୱର ୱେଲଫର କମିଟି ପକ୍ଷରୁ ନୀଳକଣ୍ଠଶ୍ୱର ଶୈବ ପୀଠରେ ଭକ୍ତଙ୍କ ନିମନ୍ତେ ଛେନା ପଣା ସମେତ ହାଲୁଆ ବଣ୍ଟନ କରାଯାଇଥିଲା । ଗତ କିଛି ବର୍ଷ ହେବ ଅନୁଷ୍ଠାନ ପକ୍ଷରୁ ଭକ୍ତଙ୍କ ନିମନ୍ତେ ବିଭିନ୍ନ ପାନୀୟ ଓ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି । ସେହିପରି ଧର୍ମ ନଗରରେ ରାସ୍ତରରେ ଯାତାୟତ କରୁଥିବା ଯାତ୍ରୀଙ୍କୁ ଛେନାପଣା ପଣ୍ଟନ କରାଯାଇଥିଲା । ଏଭଳି ଭାବେ ସହରର ବିଭିନ୍ନ ସ୍ଥାନରେ ବହୁ ସଂଗଠନ ପକ୍ଷରୁ ପଣା ସହ ବିଭିନ୍ନ ଖାଦ୍ୟ ବଣ୍ଟନ କରାଯାଇଥିଲା ।








### ପେନ୍‌ସିଲ୍ ମୁନରେ ୧ଏମ୍‌ଏମ୍‌ର ଶିବଲିଙ୍ଗ

ବ୍ରହ୍ମପୁର,୧୫।୨(ସମିସ): ମହା ଶିବରାତ୍ରୀ ଅବସରରେ ବାଲୁକା ଶିଳ୍ପୀ ସତ୍ୟନାରାୟଣ ମହାରଣା ପୁଣି ନିଜ ରେକର୍ଡକୁ ନିଜେ ଭାଙ୍ଗିଥିବା ଦମ୍ଭୋକ୍ତି ପ୍ରକାଶ କରିଛନ୍ତି । ସେ ବିଶ୍ୱର ସବୁଠାରୁ ଛୋଟ ଶିବଲିଙ୍ଗ ପେନ୍‌ସିଲ୍ ମୁନରେ ଗଢ଼ିଛନ୍ତି । ଯାହାର ଉଚ୍ଚତା ମାତ୍ର ୧ଏମ୍‌ଏମ୍ ରହିଛି । ପୂର୍ବରୁ ୨ ଏମ୍‌ଏମ୍ ବିଶିଷ୍ଟ ଶିବଲିଙ୍ଗ ଗଢ଼ି ବିଶ୍ୱ ରେକର୍ଡ କରିଥିବା ସେ କହିଛନ୍ତି । ଚଳିତଥର ୩ଟି ପେନ୍‌ସିଲରେ ୩ଟି ଶିବଲିଙ୍ଗ କରିଛନ୍ତି । ଯାହାର ଉଚ୍ଚତା ୧ଏମ୍‌ଏମ୍, ୧ଏମ୍‌ଏମ୍ ଓ ୨ଏମ୍‌ଏମ୍ ରହିଛି । ଭଗବାନ ଶିବଶଙ୍କର ସମସ୍ତଙ୍କୁ ସଦା ଖୁସିରେ ରଖନ୍ତୁ ବୋଲି ସେ କହିଛନ୍ତି । ଏହି କଳାକୃତି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ଓ ଏସିଆ ବୁକ୍ ଅଫ୍ ରେକର୍ଡସ୍ ଓ ଅନେକ ରେକର୍ଡରେ ସ୍ଥାନ ପାଇବ ବୋଲି ସତ୍ୟ ଆଶାବ୍ୟକ୍ତ କରିଛନ୍ତି ।

### ଡିନ୍ ଓ ଟିମ୍‌ଙ୍କ ଦ୍ୱାରା ବିକ୍ରମଙ୍କ ସ୍ୱାସ୍ଥ୍ୟାବସ୍ଥାର ସମୀକ୍ଷା

## ଗଲ୍‌ବ୍ଲାଡର୍ ଷ୍ଟୋନ ପାଇଁ ସର୍ଜରୀ ଜରୁରୀ, ଅନୁମତିକୁ ଅପେକ୍ଷା

ବ୍ରହ୍ମପୁର,୧୫।୨(ସମିସ): ପୂର୍ବତନ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ବିକ୍ରମ ପଣ୍ଡାଙ୍କ ‘ଗଲ ବ୍ଲାଡର ଷ୍ଟୋନ’ ଅପରେସନ ଜରୁରୀ । ଡିନ ପ୍ରଫେସର ଡାକ୍ତର ସୁଚିତ୍ରା ଦାଶଙ୍କ ଅଧକ୍ଷତାରେ ତାଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସମୀକ୍ଷା ବୈଠକ ପରେ ଏଭଳି ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି । ବୈଠକରେ ଡିନ ପ୍ରଫେସର ଦାଶଙ୍କ ସମେତ ଅଧୀକ୍ଷକ ତଥା ଗଠିତ ସ୍ୱତନ୍ତ୍ର କମିଟିର ଅଧକ୍ଷ ପ୍ରଫେସର ଦୁର୍ଗାମାଧବ ଶତପଥୀ ଓ କମିଟିର ଅନ୍ୟ ସଦସ୍ୟ ବିଶେଷଜ୍ଞମାନେ ଉପସ୍ଥିତ ଥିଲେ । ଗଲ ବ୍ଲାଡର ଷ୍ଟୋନ, ପାଇଲ୍ସ, ଦାନ୍ତ ରୋଗ ସହିତ ଗୋଡରେ ଯନ୍ତ୍ରଣା ଭଳି ଏକାଧିକ ସମସ୍ୟା ଥିବାରୁ ବିକ୍ରମଙ୍କୁ ଚିକିତ୍ସା ପାଇଁ ଏମ୍‌କେସିଜି ମେଡିକାଲର ସର୍ଜରୀ ୟୁନିଟ-୩ରେ ଭର୍ତ୍ତି କରାଯାଇଛି । ତାଙ୍କର ଚିକିତ୍ସା ପାଇଁ ବିଭିନ୍ନ ବିଭାଗର ବିଶେଷଜ୍ଞଙ୍କୁ ନେଇ ୬ଜଣିଆ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଗଠିତ ହୋଇଛି । ପୂର୍ବରୁ ବିକ୍ରମଙ୍କ ଏମଆରଆଇ, ଅଲଟ୍ରା ସାଉଣ୍ଡ, ସିଟି ସ୍କାନ ଓ ଏକ୍ସ-ରେ କରାଯାଇ ବିଭିନ୍ନ ରୋଗର ନିଦାନ କରାଯାଇଛି । ନିଦାନ ରିପୋର୍ଟ ମୁତାବକ ତାଙ୍କର ମଳକଣ୍ଟକ ଓ ଅର୍ଶ ସହିତ ଗଲ୍‌ବ୍ଲାଡର ଷ୍ଟୋନ ସ୍ପଷ୍ଟ ହୋଇଛି । ଗତକାଲି ଟିମ ଦ୍ୱାରା ହୋଇଥିବା ପରୀକ୍ଷା ପରେ ଗଲବ୍ଲାଡର ଷ୍ଟୋନ ପାଇଁ ଅସ୍ତ୍ରୋପଚାର ଜରୁରୀ ବୋଲି ହୃଦୟଙ୍ଗମ କରି ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ବିକ୍ରମଙ୍କ ସହମତି ଲୋଡିଥିଲେ । ବିକ୍ରମ ପଣ୍ଡା ରାଜି ହୋଇଥିବା ଜଣାପଡିଛି । ତେବେ ଲାପ୍ରୋସ୍କୋପି ମାଧ୍ୟମରେ ଏହି ଅସ୍ତ୍ରୋପଚାର କରାଯିବ ବୋଲି ସୂଚନା ଦେଇଛନ୍ତି ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ଡିନ୍ ତଥା ଅଧକ୍ଷ ପ୍ରଫେସର ଡାକ୍ତର ସୁଚିତ୍ରା ଦାଶ । ଏଥିପାଇଁ କୋର୍ଟ ଓ ଜେଲ କର୍ତ୍ତୃପକ୍ଷଙ୍କ ଅନୁମତିର ମଧ୍ୟ ଆବଶ୍ୟକତା ଥିବା ଜଣାପଡିଛି । ଅନୁମତି ମିଳିବା ପରେ ଅପରେସନ ପୂର୍ବରୁ ବିକ୍ରମଙ୍କ ଫିଟନେସ ପରୀକ୍ଷା କରାଯିବ ବୋଲି ପ୍ରଫେସର ଦାଶ ସୂଚନା ଦେଇଛନ୍ତି ।





ଗଜପତି ନଗର ବାହାନା ନାଳ କଡ଼ରେ ବିନା ଦ୍ୱିଧାରେ ବଢ଼ୁଛି ଗଞ୍ଜେଇ ଗଛ

### ଓକିଲ ସଂଘ ନିର୍ବାଚନରେ ମହିଳାଙ୍କ ପାଇଁ ୩୦% ସଂରକ୍ଷଣ

## ଗଞ୍ଜାମ ଓକିଲ ସଂଘର ସ୍ୱାଗତ, ମଙ୍ଗଳବାର ଜରୁରୀ ବୈଠକ

ବ୍ରହ୍ମପୁର,୧୫ ।୨(ସମିସ): ଆଇନଜୀବୀ ସଂଘର କର୍ମକର୍ତ୍ତା ନିର୍ବାଚନରେ ମହିଳା ଆଇନଜୀବୀଙ୍କ ପାଇଁ ରହିବ ଶତକଡା ୩୦ପ୍ରତିଶତ ସଂରକ୍ଷର ବ୍ୟବସ୍ଥା । ଏନେଇ ‘ଶିକ୍ଷା ଏନ ଅମୃତେଶ ବନାମ କର୍ଣ୍ଣାଟକ’ ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ସଂରକ୍ଷଣ ସପକ୍ଷରେ ରାୟ ଦେଇଥିବା ଜଣାପଡିଛି । ଏପରିକି ସୁପ୍ରିମ କୋର୍ଟଙ୍କ ପକ୍ଷରୁ ଦେଶର ସମସ୍ତ ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲଙ୍କୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ଏଭଳି ନିର୍ଦ୍ଦେଶନାମାକୁ ଭିତ୍ତିକରି ଓଡିଶା ରାଜ୍ୟ ଆଇନଜୀବୀ ପରିଷଦ ଅଧକ୍ଷ ରାଜ୍ୟର ସମସ୍ତ ଓକିଲ ସଂଘକୁ ଏହି ମର୍ମରେ ଚିଠି କରିଥିବା ଜଣାପଡିଛି । ଏପରିକି ଆସନ୍ତା ୨୨ତାରିଖରେ ପରିଷଦର ବୈଠକ ପୂର୍ବରୁ ଅର୍ଥାତ୍ ୨୦ତାରିଖ ସୁଦ୍ଧା ମତାମତ ପ୍ରଦାନ କରିବାକୁ କୁହାଯାଇଥିବା ଗଞ୍ଜାମ ଓକିଲ ସଂଘର ସଭାପତି ମନୋଜ ପଟ୍ଟନାୟକ ସୂଚନା ଦେଇଛନ୍ତି । ମାର୍ଚ୍ଚ ୨୮ ତାରିଖରେ ହେବାକୁ ଅଛି ନିର୍ବାଚନ । ଗଞ୍ଜାମ ଓକିଲ ସଂଘରେ ପ୍ରାୟ ୧୭ ଶହରୁ ଅଧିକ ଆଇନଜୀବୀ ସଦସ୍ୟ ଥିବା ବେଳେ ସଂଘରେ ସଭାପତି, ଉପ ସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକ ଓ ୭ ଜଣ କାର୍ଯ୍ୟନିର୍ବାହୀ ସଦସ୍ୟଙ୍କ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଆସୁଛି । ତେବେ ବର୍ତ୍ତମାନ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ମହିଳା ଆଇନଜୀବୀଙ୍କ ପାଇଁ ସ୍ୱତନ୍ତ୍ର ସଂରକ୍ଷଣ ବ୍ୟବସ୍ଥା ଲାଗୁ ହେବାକୁ ଯାଉଥିବା ବେଳେ ଏହାକୁ ସ୍ୱାଗତ କରିଛନ୍ତି ଗଞ୍ଜାମ ଓକିଲ ସଂଘର ସଭାପତି ମନୋଜ ପଟ୍ଟନାୟକ, ଉପ ସଭାପତି ତିରୁମାଲା ରେଡ୍ଡୀ, ସମ୍ପାଦକ ଟି. ଭେଙ୍କେଟରାଓ ଓ ଯୁଗ୍ମ ସମ୍ପାଦକ ଅସିତ କୁମାର ସାବତ । ସେପଟେ ବର୍ତ୍ତମାନ କୋର୍ଟ ଛୁଟି ଥିବାବେଳେ ମଙ୍ଗଳବାର କୋର୍ଟ ଖୋଲିବା ପରେ ଗଞ୍ଜାମ ଓକିଲ ସଂଘର ସ୍ୱତନ୍ତ୍ର ତଥା ଜରୁରୀ ବୈଠକ ଡକାଯାଇ ଏହା ଉପରେ ବିସ୍ତୃତ ଆଲୋଚନା କରାଯିବ । ସଂଘର ସଦସ୍ୟଙ୍କ ମତାମତ ନେଇ ରାଜ୍ୟ ବାର କାଉନସିଲକୁ ରିପୋର୍ଟ ପଠାଯିବ ବୋଲି କହିଛନ୍ତି ଗଞ୍ଜାମ ଓକିଲ ସଂଘର ସଭାପତି ମନୋଜ ପଟ୍ଟନାୟକ ।

- ଚଳିତ ବର୍ଷ ରାଜ୍ୟର ସମସ୍ତ ଓକିଲ ସଂଘରେ ଲାଗୁ ହେବ ବ୍ୟବସ୍ଥା
- ମାର୍ଚ୍ଚ ୨୮ ରେ ହେବାକୁ ଅଛି ଓକିଲ ସଂଘ ନିର୍ବାଚନ

## ଚା’ ଦୋକାନୀଙ୍କ ଘରୁ ବିପୁଳ ବାଣ ଜବତ

ବ୍ରହ୍ମପୁର,୧୫ ।୨(ସମିସ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ମେଡିକାଲ ନିକଟ ସିଦ୍ଧାର୍ଥନଗର ଛକରେ ଥିବା ଏକ ଚା’ ଦୋକାନୀଙ୍କ ଘରୁ ବିପୁଳ ପରିମାଣର ବାଣ ଜବତ ହୋଇଛି । ବେଆଇନ ବାଣ କାରବାର କରୁଥିବା ସୂଚନା ପାଇ ସେହି ଅଞ୍ଚଳର ପାନ ଦୋକାନୀ ରାଜେନ୍ଦ୍ର ବେହେରା ଓରଫ ରାଜି ଘରେ ପୁଲିସ ଚଢ଼ଉ କରିଥିଲା । ସେଠାରୁ ବିପୁଳ ପରିମାଣର ବାଣ ଜବତ କରିବା ସହ ତାଙ୍କ ପୁଅ ଦୀପକକୁ ଗିରଫ କରିଛି ।

ସୂଚନାଯୋଗ୍ୟ ଯେ, ସିଦ୍ଧାର୍ଥନଗର ଛକରେ ଦୀପକଙ୍କର ଏକ ପାନ ଦୋକାନ ରହିଥିବା ବେଳେ ଉପର ମହଲାରେ ସେମାନେ ରହୁଥିଲେ । ସେହି ତଳ ଘରେ ସେ ବିଭିନ୍ନ କମ୍ପାନୀର ବାଣ ଗଚ୍ଛିତ ରଖି ବ୍ୟବସାୟ କରୁଥିଲେ । ଗତକାଲି ରାତିରେ ବୈଦ୍ୟନାଥପୁର ଥାନା ପୁଲିସ ଚଢ଼ଉ କରି ସେଠାରେ ବିପୁଳ ପରିମାଣର ବାଣ ମହଜୁଦ ରହିଥିବା ଅଧିକାରୀମାନେ ଦେଖିଥିଲେ । ତେବେ ବାଣ ମହଜୁଦ ରଖିବା ନେଇ ଦୀପକ ଲାଇସେନ୍ସ କିମ୍ବା ପ୍ରମାଣପାତ୍ର ପାଇନଥିବା ପୁଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିଲା । ବେଆଇନ କାରବାର କରୁଥିବା ଅଭିଯୋଗରେ ପୁଲିସ ଦୀପକ ନାମରେ ଏକ ମାମଲା ରୁଜୁ କରିଥିଲା । ସେହି ଘରୁ ଜବତ ହୋଇଥିବା ଆସତବାଜିକୁ ୩ଟି ପୁଲିସ ଗାଡ଼ିରେ ଥାନାକୁ ନିଆଯାଇଥିଲା ।

ପ୍ରକାଶଥାଉ କି, ସହରର ବିଭିନ୍ନ ଅଞ୍ଚଳରେ କିଛି ଚୋଟବଡ଼ ବ୍ୟବସାୟୀ ଘର ଭିତରେ ଆତସବାଜି ଗଚ୍ଛିତ ରଖି ବେପାର ଚଳାଇଛନ୍ତି । ଅଫ୍ ସିଜନରେ ଏହି ବ୍ୟବସାୟୀମାନେ ଅଧିକ ଲାଭ ଆଶାରେ ଏହି ବେଆଇନ କାରବାରରେ ଲିପ୍ତ ରହୁଛନ୍ତି । ପୂର୍ବରୁ ମଧ୍ୟ ପୁଲିସ କମାପଲ୍ଲୀ-ଲାଞ୍ଜିପଲ୍ଲୀ ତଳେ ଥିବା ଏକ ୨ ମହଲା ଘରୁ ବିପୁଳ ପରିମାଣର ଆତସବାଜି ଜବତ କରିଥିଲା ।

## ଅଙ୍ଗନବାଡ଼ି କର୍ମୀଙ୍କୁ ଜାତିଆଣ ଆକ୍ଷେପ; ‘ଇଫ୍‌ଟୁ’ର କଡ଼ା ପ୍ରତିବାଦ

ବ୍ରହ୍ମପୁର,୧୫।୨(ସମିସ): ସର୍ବଭାରତୀୟ ଶ୍ରମିକ ସଂଗଠନ(ଇଫ୍‌ଟୁ)ର ଜାତୀୟ ଓ ଓଡ଼ିଶା ରାଜ୍ୟ କମିଟି ଓଡ଼ିଶାର ନୂଆଗାଁରେ ଜଣେ ଅଙ୍ଗନବାଡ଼ି କର୍ମୀଙ୍କ ଉପରେ ହୋଇଥିବା ଜାତିଆଣ ଆକ୍ଷେପକୁ କଡ଼ା ନିନ୍ଦା କରିଛି । ଏକ ପ୍ରେସ ବିବୃତ୍ତି ମାଧ୍ୟମରେ କୁହାଯାଇଛି ଯେ, ଅଙ୍ଗନବାଡ଼ି ନିଯୁକ୍ତି ପରୀକ୍ଷାରେ ଯୋଗ୍ୟତା ଅର୍ଜନ କରି ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ରରେ ଯୋଗଦେବା ପରେ ତାଙ୍କୁ ଆକ୍ଷେପ କରିବା ପରିତାପର ବିଷୟ । ଚୟନ ଫଳାଫଳ ପ୍ରକାଶ ପାଇବା ଦିନ ପ୍ରାୟ ୫୦ଜଣ ଲୋକ ତାଙ୍କୁ ଅପମାନ କରିଥିବା ଘଟଣା ସମସ୍ତ ପ୍ରମୁଖ ପତ୍ରିକାରେ ପୂର୍ବରୁ ପ୍ରକାଶିତ ହୋଇସାରିଛି । ଗତ କିଛିମାସ ଧରି ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ରକୁ କୌଣସି ଗ୍ରାମବାସୀ ଶିଶୁମାନଙ୍କୁ ନପଠାଇବା ନେଇ ଓଡ଼ିଶା ସରକାର ଦୃଢ଼ ପଦକ୍ଷେପ ନେବାକୁ ଦାବି କରାଯାଇଛି ।

ଏହି ମାମଲାରେ ଅତ୍ୟାଚାର ନିରୋଧ ଆଇନ ଅନୁସାରେ ତତ୍କାଳ ମାମଲା ରୁଜୁ କରାଯାଇ ଓ କର୍ତ୍ତବ୍ୟ ଅବହେଳା ପାଇଁ ରାଜ୍ୟର ମୁଖ୍ୟ ଶାସନ ସଚିବ ଓ ସମ୍ପୃକ୍ତ ଜିଲ୍ଲାପାଳଙ୍କ ବିରୁଦ୍ଧରେ ଆଇନ ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଇଫଟୁର ଜାତୀୟ ସମ୍ପାଦକ ଟି. ଶ୍ରୀନିବାସ ଓ ରାଜ୍ୟ ସଭାପତି ପ୍ରତାପ ପ୍ରଧାନ ପ୍ରେସ ବିବୃତ୍ତି ଜରିଆରେ ଦାବି କରିଛନ୍ତି । ସମସ୍ତ ଅଙ୍ଗନବାଡ଼ି, ଆଶା, ସ୍ୱଚ୍ଛସାଥି ଓ ସୁପରଭାଇଜର ଓ ଅନ୍ୟାନ୍ୟ ଯୋଜନାରେ କାର୍ଯ୍ୟରତ ମହିଳାମାନଙ୍କୁ ସ୍ଥାୟୀ ସରକାରୀ କର୍ମଚାରୀ ଭାବେ ସ୍ୱୀକୃତି ପ୍ରଦାନ ସହ ସମାନ ଦରମା ଓ ସାମାଜିକ ସୁରକ୍ଷା ଦିଆଯାଉ ବୋଲି ଦାବି କରିଛନ୍ତି ।

# ଜାଗର ଯାତ୍ରା ପାଇଁ ଚଳଚଞ୍ଚଳ ଶୈବପୀଠ





ପାରଳାଖେମୁଣ୍ଡି,୧୫ ।୨(ସମିସ)

ଜାଗର ଯାତ୍ରା ତଥା ମହା ଶିବରାତ୍ରିରେ ପଞ୍ଚାକ୍ଷର ମନ୍ତ୍ର ଧ୍ୱନିରେ କମ୍ପି ଉଠୁଥିଲା। ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରି ଠାରୁ ଆରମ୍ଭ କରି ଜିଲ୍ଲାର ବିଭିନ୍ନ ସ୍ଥାନରେ ମହାଶିବରାତ୍ରି ଆଧ୍ୟାତ୍ମିକ ଓ ଭକ୍ତି ଭାବନାରେ ପାଳିତ ହୋଇଥିଲା। ପାରଳାଖେମୁଣ୍ଡିରେ ଥିବା ବିଭିନ୍ନ ଶିବାଳୟରେ ଆଜି ପ୍ରତ୍ୟୁଷରୁ ଭକ୍ତଙ୍କ ଭିଡ ଜମିଥିଲା। ଦିନତମାମ ଭକ୍ତ ତଥା ଶ୍ରଦ୍ଧାଳୁ ଶିବାଳୟରେ ଭିଡ ଜମାଇ ପୂଜାର୍ଚ୍ଚନା କରିଥିଲେ। ଶିବାଳୟରେ ଜଳାଭିଷେକ ଠାରୁ ଆରମ୍ଭ କରି ବିଶେଷ ପୂଜାର୍ଚ୍ଚନା କରାଯାଇଥିଲା। ଜାଗର ଯାତ୍ରା ଲାଗି ସହରର ବିଭିନ୍ନ ସ୍ଥାନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ରାମଲିଙ୍ଗେଶ୍ୱର, ମାଡୁଆମହାଦେବ, ଧବଳେଶ୍ୱର, ଡେଙ୍ଗାଦେଉଳ, ସାନ ଦେଉଳ, ଚନ୍ଦ୍ରଶେଖର ମନ୍ଦିର ଆଦି ସମେତ ସହରର ବିଭିନ୍ନ ମଠ ମନ୍ଦିରରେ ମଧ ଭକ୍ତ ବା ଶ୍ରଦ୍ଧାଳୁଙ୍କ ପୂଜାର୍ଚ୍ଚନା କରିଥିଲେ।

**ଜି . ଉ ଦ ୟ ଗି ରି :** ଜି.ଉଦୟଗିରି ଶୈବପୀଠ ରେ ଅସମ୍ଭବ ଭିଡ଼ ଦେଖିବାକୁ ମିଳିଛି। ସକାଳୁ ଧବଳେଶ୍ୱର, ଅନେନ୍ଦେଶ୍ୱରଙ୍କ ସହିତ କଳିଙ୍ଗା ଶୈବ ପୀଠ, ଡୁଙ୍ଗି ପଞ୍ଚଲିଙ୍ଗେଶ୍ୱର, ଚକାପାଦ ବିରୁପାକ୍ଷ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ପରିଚାଳନା କମିଟି ତରଫରୁ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଥିବା ବେଳେ ବିଳମ୍ବିତ ରାତିରେ ମହାଦୀପ ଉଠିଥିଲା। ଶ୍ରଦ୍ଧାଳୁ ରାତି ଉଜାଗର ରହି ଦୀପ ଜାଳି ମନ୍ଦିର ବେଢାରେ ବସିଥିଲେ। ଧବଳେଶ୍ୱର ମନ୍ଦିର ପରିଚାଳନା କମିଟି ତରଫରୁ ସାରାରାତି ହନୁମାନ ଚାଳିଶା କରିବା ପାଇଁ ବ୍ରହ୍ମପୁରରୁ ଏକ ସ୍ୱତନ୍ତ୍ର ଦଳ ଅଣାଯାଇଥିବା ବେଳେ କମିଟି ତରଫରୁ କେ.ସୂର୍ଯ୍ୟ ନାରାୟଣ ପାତ୍ର, ସଞ୍ଜୟ କୁମାର ଆଚାର୍ଯ୍ୟ, ସନ୍ତୋଷ ମୁନି ଓପ୍ରଶାନ୍ତ ମୁନି ସହଯୋଗ କରିଥିଲେ।

**ଦାରିଙ୍ଗବାଡି:** ମହାଶିବରାତ୍ରି ଅବସରରେ ଶୈବପୀଠରେ ଦେଖିବାକୁ ମିଳିଛି ଭକ୍ତଙ୍କ ଭିଡ଼। ଶହ ଶହ ଭକ୍ତ ଶୈବପୀଠରେ ମହାଦେବଙ୍କ ଦର୍ଶନ କରିଥିଲେ। ଶିବରାତ୍ରି ଅବସରରେ ଆଲାରୀ ଶିବମନ୍ଦିରରେ ଅଷ୍ଟ ପ୍ରହର ନାମଯଜ୍ଞ, ଘୃତ ଯଜ୍ଞ ଓ ଅନ୍ନଯଜ୍ଞ ଅନୁଷ୍ଠିତ ହୋଇଥିଲା। ଦାରିଙ୍ଗବାଡି ଶିବ ମନ୍ଦିର, ସୋନପୁର, ସିମନବାଡ଼ି, ବୁଡ଼ାଗୁଡା, ତିଲୋରୀ ଓ ବ୍ରାହ୍ମଣିଗାଁ ଆଦି ଶୈବ ପୀଠରେ ଭକ୍ତଙ୍କ ଭିଡ଼ ଜମିଥିଲା। ରାତିରେ ଭକ୍ତ ମନ୍ଦିର ପ୍ରାଙ୍ଗଣରେ ଦୀପ ଲଗାଇ ଉଜାଗରରେ ରହିଥିଲେ।



## ପୂଜା ମଣ୍ଡପ ଉଦ୍‌ଘାଟନ କଲେ ବିଧାୟକ



ପାରଳାଖେମୁଣ୍ଡି,୧୫ ।୨(ସମିସ): କାଶୀନଗର ବ୍ଲକ ଖୁରିଗାଁ ନିକଟରେ ଦୀର୍ଘ ୫୦ ବର୍ଷ ପୂର୍ବେ ଶ୍ରୀ ଗୌରୀ ନୀଳକଣ୍ଠେଶ୍ୱର ମନ୍ଦିର ଏକ ଚାଳଘରେ ହୋଇଥିଲା। କିଛିବର୍ଷ ପରେ ଏହି ମନ୍ଦିର ଭାଙ୍ଗି ଯାଇଥିଲା ଓ ଶିବ ଲିଙ୍ଗକୁ କେହି ଚୋରି କରି ନେଇଥିଲା। କିଛିଦିନ ପରେ ଗ୍ରାମର ଜଣେ ଶିବ ଭକ୍ତ ଗାବରା ରାମୁଲୁଙ୍କୁ ସ୍ୱପ୍ନାଦେଶ ପ୍ରକାରେ ନିକଟସ୍ଥ ଏକ ପାହାଡ଼ ଶିଖରରୁ ଶିବଲିଙ୍ଗ ଆଣି ପୁଣି ଏକ ଛୋଟିଆ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ବର୍ତ୍ତମାନର ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓଙ୍କ ପ୍ରଚେଷ୍ଟାରେ ଆଜି ବଡ଼ ମନ୍ଦିର ନିର୍ମାଣ ହୋଇଛି। ଆଜି ଶିବରାତ୍ର ଅବସରରେ ପୂଜା ମଣ୍ଡପ, କମ୍ୟୁନିଟି ହାଲ, କମ୍ୟୁନିଟି ଶୌଚାଳୟକୁ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅମଳରେ ଆସିଥିବା ଅନୁଦାନରେ ମନ୍ଦିର ନିର୍ମିତ ହୋଇଥିଲା। ଏହି ମନ୍ଦିର ନିର୍ମାଣ ପାଇଁ କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ୱାର୍ଡ ସଦସ୍ୟ କାଟିକି ରାମାରାଓଙ୍କ ଅବଦାନ ରହିଛି। ଏହି ଅବସରରେ ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, କାଶୀନଗର ବ୍ଲକ ଅଧ୍ୟକ୍ଷା ବାଲା ସାୟାମ୍ମା, ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ୍.ବୀରରାଜୁ, ପାରଳାଖେମୁଣ୍ଡି ପୌରପରିଷଦର ଉପାଧ୍ୟକ୍ଷ ଲେଙ୍କା ସୀମାଦ୍ରୀଙ୍କ ସମେତ ବହୁ ବିଜେଡି ନେତା ଓ କର୍ମୀଙ୍କ ସମେତ ଅଞ୍ଚଳର ବହୁ ଭକ୍ତ ତଥା ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

## ଶିଶୁ ମନ୍ଦିର ପରିସରରୁ ଆହତ ହରିଣ ଉଦ୍ଧାର



ମୋହନା,୧୫।୨(ସମିସ): ମୋହନା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରୁ ଆହତ ହରିଣ ଉଦ୍ଧାର ହୋଇଛି। ଉଦ୍ଧାର ପରେ ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସା କରାଯାଇଛି। କିଛି ଦିନ ପର୍ଯ୍ୟବେକ୍ଷଣରେ ରଖାଯିବା ପରେ ତପ୍ତପାଣି ହରିଣ ପାର୍କ କିମ୍ବା ସଂରକ୍ଷିତ ଜଙ୍ଗଲରେ ଛଡ଼ାଯିବ ବୋଲି ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀ ପ୍ରସାଦ ବିଷୋୟୀ କହିଛନ୍ତି। ବନ ବିଭାଗର ସୂଚନା ପ୍ରକାରେ ହରିଣ ପାଣି ପାଇଁ ହରଭଙ୍ଗୀ ନଦୀକୁ ଆସିଥିଲା। କିଛି ଲୋକଙ୍କ ନଜରରେ ପଡିବା ପରେ ଭୟରେ ଦୌଡ଼ି ଆସି ଶିଶୁ ମନ୍ଦିର ପ୍ରାଙ୍ଗଣକୁ ଚାଲି ଆସିଥିଲା। ଶିଶୁ ମନ୍ଦିର ତାର ବାଡ ବାଜି ହରିଣ ସମାନ୍ୟ ଆହତ ହୋଇଛି। ସ୍ଥାନୀୟ ଯୁବକଙ୍କ ଠାରୁ ଖବର ପାଇ ବନ ବିଭାଗ କର୍ମଚାରୀ ହରିଣକୁ ଉଦ୍ଧାର କରି ପ୍ରାଣୀଧନ ସହାୟକ କେନ୍ଦ୍ରକୁ ନେଇଥିଲେ। ସେଠାରେ ଚିକିତ୍ସା ପରେ ବନ ବିଭାଗର ପର୍ଯ୍ୟବେକ୍ଷଣରେ ରହିବ ବୋଲି ବନାଞ୍ଚଳ ଅଧିକାରୀ ସୂଚନା ଦେଇଛନ୍ତି।

■ ଜାତୀୟମାଷ୍ଟର୍ସଆଥଲେଟିକ୍‌ଚାମ୍ପିଅନ୍‌ସିପ୍

## ଭେଟେରାନ ଖେଳାଳି କିଶୋର ରଥଙ୍କୁ ପଦକ




ପାରଳାଖେମୁଣ୍ଡି,୧୫ ।୨(ସମିସ): ଗଜପତି ଜିଲ୍ଲାର ଭେଟେରାନ ଖେଳାଳି କିଶୋର ଚନ୍ଦ୍ର ରଥ ମଧ୍ୟପ୍ରଦେଶରେ ଅନୁଷ୍ଠିତ ଜାତୀୟ ମାଷ୍ଟର୍ସ ଆଥଲେଟିକ୍ ଚାମ୍ପିଅନସିପ୍‌ରେ ବିଭିନ୍ନ ବର୍ଗରେ ପଦକ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ମଧ୍ୟପ୍ରଦେଶ ମାଷ୍ଟର ଏଥେଲେଟିକ ସମିତି ଦ୍ୱାରା ଆୟୋଜିତ ଏହି ଚମ୍ପିଅନସିପ୍ କିଶୋର ୧୦୦ ମିଟର ଦୌଡରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ୪ ଗୁଣା ୧୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ, ଲଙ୍ଗ୍ ଜମ୍ପରେ ରୌପ୍ୟ ଏବଂ ଟ୍ରିପଲ୍ ଜମ୍ପ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଶ୍ରୀ ରଥଙ୍କୁ ଦୁଇ ସ୍ୱର୍ଣ୍ଣପଦକ ସହ ଗୋଟିଏ ରୌପ୍ୟ ଏବଂ ବ୍ରୋଞ୍ଜ ପଦକ ସମେତ ମୋଟ ୪ ପଦକ ହାସଲ କରିଛନ୍ତି। ଏହି ଖବର ଗଜପତି ଜିଲ୍ଲାରେ ପ୍ରସାରିତ ହେବା ପରେ ବିଭିନ୍ନ ମହଲରେ ଶ୍ରୀ ରଥଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ପ୍ରକାଶ ଯେ ଶ୍ରୀ ରଥ ଅବକାରୀ ବିଭାଗରୁ ଅବସର ଗ୍ରହଣ କରିସାରିଥିଲେ ମଧ ଖେଳୁଆଡ ମନବୃତ୍ତି ଯୋଗୁ ଆଜି ପର୍ଯ୍ୟନ୍ତ ବିଭିନ୍ନ ଖେଳକୁଦ ପ୍ରତିଯୋଗିତାରେ ଭାଗ ନେଇ ଗଜପତି ଜିଲ୍ଲା ତଥା ରାଜ୍ୟର ଗୌରବ ବୃଦ୍ଧି କରୁଛନ୍ତି।

## ଜିଲ୍ଲା ବିଜେଡି ମହିଳା ସଭାପତି ହେଲେ ସଂଯୁକ୍ତା



ପାରଳାଖେମୁଣ୍ଡି,୧୫ ।୨(ସମିସ): ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଜପତି ଜିଲ୍ଲା ମହିଳା ବିଜେଡି ସଭାପତି ଭାବେ ସଂଯୁକ୍ତା ବେହେରାଙ୍କୁ ମନୋନିତ କରିଛନ୍ତି। ଏନେଇ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି ଶ୍ରୀମତୀ ବେହେରା। ସୁପ୍ରିମୋ ଯେଉଁ ବିଶ୍ୱାସ ଓ ଭରସାରେ ଏଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇଛନ୍ତି ତାକୁ ସୂଚାରୁ ରୂପେ ତୁଲାଇବେ ଏବଂ ଆଗାମୀ ଦିନରେ ଜିଲ୍ଲାରେ ବିଜେଡିକୁ ଆହୁରି ମଜଭୂତ କରିବାକୁ ତୃଣମୂଳସ୍ତରେ କାର୍ଯ୍ୟ କରିବେ ବୋଲି କହିଛନ୍ତି। ଏନେଇ ଜିଲ୍ଲା ବିଜେଡି ସଭାପତି ପ୍ରଦୀପ କୁମାର ନାୟକ, ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, ହାଇଟେକ ଅଧ୍ୟକ୍ଷ ଡ.ତିରୁପତି ପାଣିଗ୍ରାହୀ, ବରିଷ୍ଠ ବିଜେଡି ନେତା ଓ କର୍ମୀ ଶ୍ରୀମତୀ ବେହେରାଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କ ନେତୃତ୍ୱରେ ଜିଲ୍ଲାରେ ମହିଳା ମାନଙ୍କ ବିକାଶ ଘଟିବ ବୋଲି ଆଶା ପ୍ରକଟ କରିଛନ୍ତି। ସୂଚନା ଯୋଗ୍ୟ ଶ୍ରୀମତୀ ବେହେରା ଦୀର୍ଘବର୍ଷ ହେଲା ବିଜେଡିର ଜଣେ ସକ୍ରିୟ ମହିଳା କର୍ମୀ ଭାବେ ଏବଂ ବିଭିନ୍ନ ସମୟରେ ବିଭିନ୍ନ ପଦରେ ରହି ଦଳରେ ସୁପରିଚାଳନା କରିଛନ୍ତି।

## ଜିଲ୍ଲାସ୍ତରୀୟ ସାମାଜିକ ସେବା ଶିବିର ଉଦ୍‌ଯାପିତ

ପାରଳାଖେମୁଣ୍ଡି,୧୫ ।୨(ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ମହେନ୍ଦ୍ରତନୟା ଆଶ୍ରମ ସ୍କୁଲ ଗ୍ରାମ ବିକାଶ କଇଁପୁରରେ ପବିତ୍ର ମହାଶିବରାତ୍ରି ଉପଲକ୍ଷେ ଭକ୍ତ ତଥା ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ପ୍ରସ୍ତୁତ କରାଯିବା ସହ ପ୍ରସିଦ୍ଧ ଶୈବପୀଠ ମହେନ୍ଦ୍ରଗିରି ପର୍ବତ ଶିଖରରେ ମିଠା ଅନ୍ନ ବଣ୍ଟନ କରାଯାଇଥିଲା। ଯୁଧିଷ୍ଠିର ଓ ପର୍ଶୁରାମ ମନ୍ଦିର ପ୍ରାଙ୍ଗଣରେ ହଜାର ହଜାର ଭକ୍ତଙ୍କ ସମାଗମରେ ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ଭକ୍ତ ମାନେ ଶୃଙ୍ଖଳାର ସହିତ ଧାଡି ବାନ୍ଧି ଆସି ପ୍ରସାଦ ସେବନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ସୁରେନ୍ଦ୍ର କୁମାର ପାତ୍ର ପରିଚାଳନା କରିବା ସହ ମହେନ୍ଦ୍ରତନୟା ଗ୍ରାମ ବିକାଶ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକାଶ କୁମାର ଜେନା ଓ ଜିଲ୍ଲା ଜୁନିଅର ରେଡକ୍ରସ ଅଧିକାରୀ ସଂଜୀବ କୁମାର ଦାସ ସହଯୋଗ କରିଥିଲେ। ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଜୁନିଅର ରେଡ଼କ୍ରସର ପରାମର୍ଶଦାତା ଏବଂ ଭାରତ ସ୍କାଉଟ ଓ ଗାଇଡ଼ର ସ୍କାଉଟ୍ ମାଷ୍ଟର ଓ ଗାଇଡ଼ କ୍ୟାପଟେନ ନିରନ୍ତର ପରିଶ୍ରମ କରି ହଜାର ହଜାର ଭକ୍ତଙ୍କୁ ମିଠାଅନ୍ନ ବଣ୍ଟନ କରିଥିଲେ। ଜିଲ୍ଲା ଜୁନିଅର ରେଡକ୍ରସର ସମ୍ବଳ ସାଧନକର୍ମୀ ମୁକ୍ତିକାନ୍ତ ମଲ୍ଲିକ୍, ଜିଲ୍ଲା ସମ୍ବଳ ସାଧନକର୍ମୀ ନୀତେଶ ଲେଙ୍କା ଏବଂ ଜିଲ୍ଲା ଭାରତ ସ୍କାଉଟ ଓ ଗାଇଡ୍‌ର ଗାଇଡ୍ କ୍ୟାପଟେନ ଦର୍ଶିତା ପଟ୍ଟନାୟକ, ସ୍କାଉଟ ମାଷ୍ଟର ପ୍ରକାଶ ଚନ୍ଦ୍ର ବର୍ଦ୍ଧନ, ସୁବ୍ରତ କୁମାର ନାୟକ, ଅମୀର କାର୍ଜୀ, ଅଭିମନ୍ୟୁ ଗମାଙ୍ଗ, ସନ୍ତୋଷ କୁମାର କଲ୍ୟାଣୀ ଓ କେ. ବାସୁଦେବ ରେଡି ଉପସ୍ଥିତ ଥିଲେ। ପରିଶେଷରେ ଜିଲ୍ଲାର ବରିଷ୍ଠ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।



## ୧୮ କିଲୋ ଗଞ୍ଜେଇ ଜବତ; ୨ ଗିରଫ



ମୋହନା,୧୫।୨(ସମିସ): ମୋହନା ଅବକାରୀ ବିଭାଗ ଓ ଜିଲ୍ଲା ମୋବାଇଲ ଟିମ ରବିବାର ମଧ୍ୟାହ୍ନରେ ମିଳିତ ଚଢ଼ଉ କରି ୧୮ କିଲୋ ଗଞ୍ଜେଇ ଜବତ କରିବା ସହ ୨ ଜଣକୁ ଗିରଫ କରିଛି। ଗିରଫ ମାନେ ହେଲେ ଅନୁଗୁଳର ଦେବାଶିଷ ସାମଲ ଓ ମହାରାଷ୍ଟ୍ରର ସେକ ପାୱାର। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନା ପ୍ରକାରେ ରବିବାର ମଧ୍ୟାହ୍ନରେ ମୋହନା ବ୍ଲକ କାର୍ଯ୍ୟାଳୟ ଛକରେ ଦୁଇ ସୁଟକେଶ ଧରିଥିବା ଦୁଇ ବ୍ୟକ୍ତିଙ୍କୁ ସନ୍ଦେହରେ ଯାଞ୍ଚ କରିଥିଲେ ଅବକାରୀ କର୍ମଚାରୀ। ଯାଞ୍ଚ ପରେ ଦୁଇଟି ସୁଟକେଶରୁ ୧୮ କିଲୋ ଗଞ୍ଜେଇ ଜବତ କରାଯାଇଛି। ଉକ୍ତ ଗଞ୍ଜେଇ ଅଡବା ଥାନା କେଶରୀଗୁଡା ଗ୍ରାମରୁ ହାଇଦ୍ରାବାଦକୁ ଚାଲାଣ ହେଉଥିଲା। ଜବତ ଗଞ୍ଜେଇର ମୂଲ୍ୟ ଏକ ଲକ୍ଷ ୮୦ ହଜାର ଟଙ୍କା ହୋଇଥିବା ବେଳେ ଦୁଇ ଅଭିଯୁକ୍ତକୁ ଅବକାରୀ ବିଭାଗ ଗିରଫ କରିଛି।

## ବିରୁପାକ୍ଷ ଆନନ୍ଦେଶ୍ୱରରେ ଭକ୍ତଙ୍କ ଭିଡ଼



ଚକାପାଦ,୧୫।୨(ସମିସ): ଚକାପାଦ ବ୍ଲକର ଚକାପାଦର ତ୍ରିଶମ୍ଭୁମନ୍ଦିର ବିରୁପାକ୍ଷ୍ୟ ଆନନ୍ଦେଶ୍ୱର ଯୋଗେଶ୍ୱର ମନ୍ଦିରରେ ମହାଶିବରାତ୍ର ପାଇଁ ମହାଦେବଙ୍କୁ ଦର୍ଶନ ନିମନ୍ତେ ନିଜ କନ୍ଧମାଳ ଏବଂ ପଡୋଶୀ, ଗଞ୍ଜାମ, ନୟାଗଡ଼ ଓ ବୌଦ୍ଧ ଜିଲ୍ଲାର ବହୁ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା। ସନ୍ଧ୍ୟାରୁ ଦୀପ ଜାଳି ଭକ୍ତ ମନ୍ଦିର ଚାରିପଟେ ଉଜାଗର ବସିଥିଲେ। ମହାଦୀପ ଉଠିବା ପରେ ଭକ୍ତ ମହାଦେବଙ୍କୁ ଦର୍ଶନ କରିଥିଲେ। ସେହପରି ବୃଓଙ୍ଗ ଏବଂ ଲାଇନପଡା ଖୁଡୁତେନ୍ତୁଳି ବରଡ଼ା ବାଲୁଙ୍କେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁ ଦୀପ ଜାଳି ଉଜାଗର ରହିଥିଲେ।

### ବେଆଇନ ମୋରମ ଚାଲାଣ ବେଳେ ଚଢ଼ଉ

## ୨ ଜେସିବି ସହ ୫ ଟ୍ରାକ୍ଟର ଜବତ

ବାଲିଗୁଡ଼ା,୧୫।୨(ସମିସ): ବାଲିଗୁଡ଼ା ଅଞ୍ଚଳରେ ବେଆଇନ ମୋରମ ଚାଲାଣ ବେଳେ ଅତର୍କିତ ଭାବେ ବାଲିଗୁଡ଼ା ପୁଲିସ ଓ ରାଜସ୍ୱ ବିଭାଗ ଚଢଉ କରି ଦୁଇ ଜେସିବି ସହ ୫ ଟ୍ରାକ୍ଟର ଜବତ କରିଛି। ସୂଚନା ଅନୁସାରେ ବାଲିଗୁଡ଼ା ଦଣ୍ଡପଦର ନିକଟସ୍ଥ ଖଡ୍ଗ ନଦୀ ନିକଟରେ ବେଆଇନ ମୋରମ ଚାଲାଣ ହେଉଥିବା ରାଜସ୍ୱ ବିଭାଗ ବିଶେଷ





ସୂତ୍ରରୁ ଜାଣିପାରିଥିଲା। ବାଲିଗୁଡ଼ା ତହସିଲଦାର ଦୀପ୍ତି ପ୍ରକାଶ ବେହେରା ଏକ ଟିମ ସହ ବାଲିଗୁଡ଼ା ପୁଲିସ ସହାୟତାରେ ଅଚାନକ ସେହି ଜାଗାରେ ଚଢଉ କରିଥିଲେ। ଘଟଣା ସ୍ଥଳରୁ ଦୁଇଟି ଜେସିବି ସହ ୫ ଟ୍ରାକ୍ଟର ଜବତ କରାଯାଇଥିଲା। ଜେସିବି ଡ୍ରାଇଭର ଓ ଟ୍ରାକ୍ଟର ଡ୍ରାଇଭରଙ୍କୁ ଥାନାରେ ଅଟକ ରଖି ପୁଲିସ ଅଧିକ ତଦନ୍ତ କରୁଛି।

## ପଞ୍ଚଲିଙ୍ଗେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼



ଟିକାବାଲି,୧୫।୨(ସମିସ): ଟିକାବାଲି ବ୍ଲକର ବିଭିନ୍ନ ଶୈବପୀଠରେ ଆଜି ପବିତ୍ର ମହାଶିବରାତ୍ରି ଅବସରରେ ସ୍ଥାନୀୟ ପ୍ରସିଦ୍ଧ ଶ୍ରୀ ପଞ୍ଚଲିଙ୍ଗେଶ୍ୱର ମହାଦେବଙ୍କ ମନ୍ଦିର ପରିସର ଉତ୍ସବମୁଖର ହୋଇଉଠିଥିଲା। ଭୋରରୁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିବା ବେଳେ ସମଗ୍ର ଅଞ୍ଚଳରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଜାଗର ପାଇଁ ପଞ୍ଚଲିଙ୍ଗେଶ୍ୱର ମନ୍ଦିରକୁ ରଙ୍ଗବେରଙ୍ଗର ଆଲୋକମାଳା ଓ ପୁଷ୍ପରେ ସୁସଜ୍ଜିତ କରାଯାଇଥିଲା। ଶ୍ରଦ୍ଧାଳୁ ଶୃଙ୍ଖଳିତ ଭାବେ ଦର୍ଶନ କରିବା ପାଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଧାଡ଼ି ଦର୍ଶନ ସହିତ ପାନୀୟ ଜଳ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଥିଲା। ମନ୍ଦିର ପ୍ରଶାସନ ପକ୍ଷରୁ ମହାଶିବରାତ୍ରି ପାଇଁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରାଯାଇଥିଲା। ପ୍ରାତଃରେ ମହାଦେବଙ୍କ ଅଭିଷେକ ଓ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ସନ୍ଧ୍ୟା ହେବା ମାତ୍ରେ ହଜାର ହଜାର ଭକ୍ତ ମନ୍ଦିର ବେଢ଼ାରେ ମାନସିକ ରଖି ଜାଗର ଦୀପ ପଜ୍ୱଳନ କରିଥିଲେ। ଶ୍ରଦ୍ଧାଳୁଙ୍କ ସହଯୋଗରେ ୨୪ ଘଣ୍ଟିଆ ଅଷ୍ଟପ୍ରହରୀ ନାମଯଜ୍ଞ ଆୟୋଜନ କରାଯାଇଛି। ହରେକୃଷ୍ଣ ମହାମନ୍ତ୍ର ସଂକୀର୍ତ୍ତନରେ ସମଗ୍ର ଟିକାବାଲି ଅଞ୍ଚଳ ପ୍ରକମ୍ପିତ ହେଉଛି। ରାତିର ଶେଷ ପ୍ରହରରେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିଥିଲା।

# ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବଢୁଛି ନିଶାସକ୍ତଙ୍କ ଉତ୍ପାତ

ଗୁମ୍ମା,୧୫ ।୨(ସମିସ)

ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ମାଦକ ଦ୍ରବ୍ୟ ସେବନ ବୃଦ୍ଧି ପାଇବାରେ ଲାଗିଛି। ଏଥିସହ ତାଳଦେଇ ନିଶାସକ୍ତଙ୍କ ଉତ୍ପାତ ମଧ୍ୟ ବଢ଼ିବାରେ ଲାଗିଛି। ବିଗତ କିଛିଦିନ ହେଲା ଲୋକେ ମଦ ପିଇ ରାଜ ରାସ୍ତାରେ ମାତାଲ ହୋଇ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଦୁର୍ବୃତ୍ତ ସରକାରୀ କାର୍ଯ୍ୟାଳୟରୁ ଆବଶ୍ୟକ ସାମଗ୍ରୀ ଚୋରି କରିଥିଲେ। କିଛିଦିନ ହେଲା ଗୁମ୍ମା ପାଇକ ସାହିର ମୁନ୍ନା ମାଝୀ(୩୩) ନାମକ ଜଣେ ଯୁବକ ଅତ୍ୟାଧିକ ମଦ୍ୟପାନ କରିବାରୁ ହୃଦ୍‌ଘାତରେ ମୃତ୍ୟୁ ହୋଇଥିଲା। ଗାଇବା ଭଳି ଶାନ୍ତ ଗ୍ରାମରେ ସରକାରୀ ଚିକିତ୍ସାଳୟରୁ ଚୋରି ଏବଂ ସାହି ସାହି ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟୁଛି। ଏସବୁ ଘଟଣା ମଦ ପାଇଁ ହେଉଥିବା ପାଉଲ ପାଣି, କେଦାର ନାଥ କାର୍ଜି, ସୁରେଶ ପୂଜାରୀ, ଜିତୁ କାଉରୀ, ମହେନ୍ଦ୍ର ପ୍ରଧାନ, ବିକ୍ରମ ପୂଜାରୀ, ସୁମନ ଶବର ଓ ଦାନିଏଲ ନାୟକ ଅଭିଯୋଗ କରିଛନ୍ତି। ହେଲେ ମଦ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲୋକ ଦେଖାଣିଆ ହୋଇପଡିଛି।

### ଅଶାନ୍ତ ହେଉଛି ଅଞ୍ଚଳ; କାର୍ଯ୍ୟାନୁଷ୍ଠାନ ଦାବି

ଥାନାରୁ ପୁଲିସ ଗାଡି ବାହାରିଲେ କିଛି ଗୃହଭେଦୀ ବିଭୀଷଣ ମାଫିଆଙ୍କୁ ଫୋନ କରି ସତର୍କ କରାଉଛନ୍ତି। ସେହିପରି ଗୁମ୍ମା ସଦର ମହକୁମା ସରକାରୀ ବିଦ୍ୟାଳୟ ସାମ୍ନାରେ, ଧାର୍ମିକ ଅନୁଷ୍ଠାନ ଚର୍ଚ୍ଚ ଏବଂ ମନ୍ଦିର ସାମ୍ନାରେ, ସେରଙ୍ଗ ବଜାର ମୁଖ୍ୟରାସ୍ତାରେ ଏବଂ ବିଭିନ୍ନ ଗାଁର ଜନବସତି ସାହି ସାହି ମଦ ବିକ୍ରି ହେଉଥିଲେ ମଧ୍ୟ ଅବକାରୀ ବିଭାଗ ଏବଂ ପୁଲିସ ପ୍ରଶାସନ ଏନେଇ ନିରବଦ୍ରଷ୍ଟା ସାଜିଥିବା ଏବେ ଚିନ୍ତାର ବିଷୟ ପାଲଟିଛି। ଏନେଇ ଆସନ୍ତା ଦିନରେ ଅବକାରୀ ବିଭାଗ ଏବଂ ପୁଲିସ ଉପଯୁକ୍ତ ପଦକ୍ଷେପ ଗ୍ରହଣ ନକଲେ ମଦ ବିରୋଧୀ ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀ କହିଛନ୍ତି।

